# ରେଳ ଡିଭିଜନ ନିର୍ମାଣ ପାଇଁ ବସ୍ତି ଖାଲି କରିବାକୁ ନିର୍ଦ୍ଦେଶ

ରାୟଗଡ଼ା,୨୮।୯(ଆଶିଷ ରଞ୍ଜନ ପଣ୍ଡା)


ଜଗନ୍ନାଥ ମନ୍ଦିର ବିପରୀତ ପାର୍ଶ୍ୱରେ ରେଲୱେ ଜମିରେ ରହିଥିବା ବସ୍ତି।



ରେଳ ବିଭାଗ ପକ୍ଷରୁ ଉଚ୍ଛେଦ ପାଇଁ ଲାଗିଥିବା ନୋଟିସ।

ରାୟଗଡ଼ା ସହରାଞ୍ଚଳରେ ଫେଲ୍ ମାରିଛି ପୂର୍ବ ସରକାର ସମୟରେ ହୋଇଥିବା ଜାଗା ମିଶନ ଯୋଜନା। ଏହି ଯୋଜନାରେ ଯେଉଁ ପଟ୍ଟା ବସ୍ତିବାସିନ୍ଦାଙ୍କୁ ପ୍ରଦାନ କରାଯାଇଛି ତାହା କାର୍ଯ୍ୟରେ ଲାଗୁନାହିଁ। କେବଳ ପଟ୍ଟା ଦେଇ ପୂର୍ବ ସରକାର ଭୁଆଁ ବୁଲାଇଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ରେଲୱେ ଜମିରେ ଥିବା ବସ୍ତି ଲୋକଙ୍କୁ ମଧ୍ୟ ପଟ୍ଟା ଦିଆଯାଇଥିଲା । ହେଲେ ତାହା ସମ୍ପୂର୍ଣ୍ଣ ବେଆଇନ। କାରଣ ରେଲୱେ ଜମିରେ ରାଜ୍ୟ ସରକାରଙ୍କ କୌଣସି ଅଧିକାର ନାହିଁ ବୋଲି କହି ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରିଛନ୍ତି । ସହରରେ ରେଲୱେ ଜମିରେ ଗଢ଼ିଉଠିଥିବା ଜବରଦଖଲ ଆସନ୍ତା ୧୫ ତାରିଖ ସୁଦ୍ଧା ଖାଲି କରିବାକୁ ବସ୍ତି ବାସିନ୍ଦାଙ୍କୁ ନୋଟିସ ଜାରି କରାଯାଇଛି। ପୂର୍ବରୁ ମଧ୍ୟ ରେଳ ବିଭାଗ ଆଗୁଆ ନୋଟିସ ଦେଇଥିଲେ ମଧ୍ୟ ଲୋକେ ଜମି ଖାଲି କରି ନ ଥିଲେ। ଏହାପରେ ପୁଣି ଥରେ ନୋଟିସ ଜାରି କରାଯିବା ସହ ଫଳକ ମଧ୍ୟ ଲଗାଯାଇଛି। ଏଥର ଆଉ ସମୟ ଦିଆଯିବ ନାହିଁ ଏବଂ ଫୋର୍ସ ଲଗାଇ ରେଲୱେ ଜମିରୁ ଜବରଦଖଲ ହଟାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି । ଏହାକୁ ନେଇ ଚିନ୍ତାରେ ବସ୍ତିବାସିନ୍ଦା।

ରାୟଗଡ଼ା ସହରରେ ଅନେକ ବସ୍ତି ରେଲୱେ ଜମିରେ ଗଢ଼ି ଉଠିଛି । ରେଲୱେ ପକ୍ଷରୁ ରାୟଗଡ଼ାରେ ନୂତନ ରେଳ ଡିଭିଜନ କାର୍ଯ୍ୟାଳୟ ପାଇଁ ସମସ୍ତ ବସ୍ତିକୁ ଉଚ୍ଛେଦ ପାଇଁ ଅନେକବାର ନୋଟିସ ଜାରି କରାଯାଇଛି। ଯେକୌଣସି ପରିସ୍ଥିତିରେ ରେଲୱେ ଜମିରେ ଥିବା ସମସ୍ତ ବସ୍ତି ଉଚ୍ଛେଦ କରାଯିବ। ଖୋଦ୍ ରାଜ୍ୟ ସରକାର ମଧ୍ୟ ଏହାକୁ ସ୍ୱୀକାର କରୁଛନ୍ତି। ଏପରିକି ଜବରଦଖଲ ହଟାଇବା ପାଇଁ ରେଲୱେ ବୋର୍ଡ଼ ନିର୍ଦ୍ଦେଶନାମା ଜାରି କରିଛନ୍ତି । ତେବେ ରେଲୱେ ଜମିରେ ରହି ପୂର୍ବ ରାଜ୍ୟ ସରକାରଙ୍କଠାରୁ ଜାଗା ମିଶନରେ ପଟ୍ଟା ପାଇଥିବା ବସ୍ତି ବାସିନ୍ଦାମାନେ ଏବେ କୌଣସି କୁଳର ହୋଇପାରୁନାହାନ୍ତି। ଅନ୍ୟପଟେ ରାୟଗଡ଼ାରେ ରେଳ ଡିଭିଜନ ସ୍ଥାପନ ପାଇଁ ରେଳ ବିଭାଗ ପକ୍ଷରୁ ପ୍ରକ୍ରିୟା ଚାଲିଛି। ନିର୍ମାଣ କାର୍ଯ୍ୟ ବିଳମ୍ବ ହେଲେ ମଧ୍ୟ ଡିଭିଜନ କାର୍ଯ୍ୟାଳୟ ସ୍ଥାପନ କରାଯିବ ବୋଲି ବିଭାଗ ତରଫରୁ ସ୍ପଷ୍ଟ ରହିଛି। ଏଥିପାଇଁ ନିକଟରେ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ପୂର୍ବରୁ ଅନେକବାର ବସ୍ତିବାସିନ୍ଦାଙ୍କ ସହ ରେଲୱେ କର୍ତ୍ତୃପକ୍ଷ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ସହ ଆଲୋଚନାକରି ନୂତନ ସ୍ଥାନ ନିରୂପଣ କରିବାକୁ ରେଳବାଇ ଅଧିକାରୀ ପୂର୍ବରୁ

### ଫେଲ୍ ମାରିଛି ଜାଗା ମିଶନ ଯୋଜନା

ବସ୍ତିବାସିନ୍ଦାଙ୍କୁ ପରାମର୍ଶ ଦେଇଥିଲେ। ୧ ମାସ ଭିତରେ ପର୍ଯ୍ୟାୟକ୍ରମେ ସମସ୍ତ ବସ୍ତିକୁ ସମୟ ଧାର୍ଯ୍ୟ କରି ଖାଲି କରାଯିବ ବୋଲି ରେଲୱେ ସୂତ୍ରରୁ ଜଣାପଡ଼ିଛି। ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ରହୁଥିବା ବସ୍ତିର ହଜାର ହଜାର ଲୋକ ବର୍ତ୍ତମାନ କୁଆଡ଼େ ଯିବେ ସେ ନେଇ ଗରିବ ଖଟିଖିଆ ପରିବାରଙ୍କ ଚିନ୍ତା ବଢ଼ିଯାଇଛି। ଏ ନେଇ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ପଚାରିବାରୁ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଜମି ଚିହ୍ନଟ କରି ଥଇଥାନ କରାଯିବ ବୋଲି କହିଥିଲେ। ତେବେ ରେଳ ବିଭାଗର ଜମିକୁ କିଭଳି ଜାଗା ମିଶନ ଯୋଜନାରେ ସାମିଲ କରାଯାଇଥିଲା ପଚାରିବାରୁ ପୂର୍ବରୁ ଏହାକୁ ରାଜ୍ୟ ସରକାର ଦେଇଥିବେ । ବର୍ତ୍ତମାନ ରେଳ ବିଭାଗର ଆବଶ୍ୟକତା କାରଣରୁ ତାହା ଫେରିଯାଇଥିବ ବୋଲି କହିଥିଲେ ।

# ନର୍ସିଂ ଅଫିସର, ସିଏଚ୍‌ଓଙ୍କ ଧାରଣା



ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିବା ନର୍ସିଂ ଅଧିକାରୀ।

ମୁନିଗୁଡ଼ା,୨୮।୯
(ନନ୍ଦ କିଶୋର ପଟ୍ଟନାୟକ)

ରାଜ୍ୟ ନର୍ସିଂ କର୍ମଚାରୀଙ୍କ ଆହ୍ୱାନକ୍ରମେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ନର୍ସିଂ ଅଫିସର ଓ ସିଏଚ୍‌ଓମାନେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଛନ୍ତି। ନର୍ସମାନଙ୍କ ସ୍ଥିରୀକୃତ ସମୟସୀମାକୁ କୋହଳ କରିବା, ୬ ବର୍ଷର ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରିରେ ମିଶାଇବା, କେବିକେ ଭତ୍ତା ପ୍ରଦାନ କରିବା, ଆର୍‌ବିଏସ୍‌କେ ଅଧୀନରେ କାମ କରୁଥିବା ନର୍ସିଂ ଅଫିସରଙ୍କୁ ନିୟମିତ କରିବା ଭଳି ୧୦ ଦଫା ଦାବିକୁ ନେଇ ଏହି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିବା ଜଣାପଡ଼ିଛି। ଯଦି ସରକାର ନର୍ସିଂ ଅଫିସର ଓ ସିଏଚ୍‌ଓମାନଙ୍କ ନ୍ୟାଯ୍ୟ ଦାବି ପୂରଣ ନ କରନ୍ତି ତା' ହେଲେ ଆନ୍ଦୋଳନ ଚାଲୁ ରହିବ ବୋଲି ଧାରଣା ବସିଥିବା ସବିର କୁମାର ବାଗ, ବିନିତା କେସପଡ଼ା, ସୁଶୀଳା ମାଝୀ, ହରିଶଙ୍କର ଆଚାରୀ, ଭେଙ୍କଟେଶ୍ୱର ବେହେରା, ଜୟନ୍ତୀ ବେହେରା, ବିମଳ ଚିତୁଆନ, ମହାଲକ୍ଷ୍ମୀ ବେହେରା କହିଛନ୍ତି। ଆନ୍ଦୋଳନରେ ୩୦ରୁ ଊର୍ଦ୍ଧ୍ୱ ନର୍ସିଂ ଓ ସିଏଚ୍‌ଓ ସାମିଲ ହୋଇଛନ୍ତି।

# ବିଶ୍ୱ ହିନ୍ଦୁ ପରିଷଦର ବୈଠକ


ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା ।

ଗୁଣପୁର,୨୮।୯(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରର ଭେଙ୍କଟେଶ୍ୱର କଲ୍ୟାଣ ମଣ୍ଡପଠାରେ ଶନିବାର ବିଶ୍ୱ ହିନ୍ଦୁ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ସାଙ୍ଗଠନିକ ଜିଲାର ଏହି ବୈଠକରେ ପ୍ରାନ୍ତ ସଭାପତି ରାଜକୁମାର ବଡପଣ୍ଡା, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଗାନ୍ଧୀ, ଉପ ସଭାପତି ପ୍ରଫୁଲ୍ଲ ପାତ୍ର, ରାୟଗଡା ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସାଂଗଠନିକ ଶକ୍ତି ବୃଦ୍ଧି, ସତ୍‌ସଙ୍ଗ ପ୍ରଶିକ୍ଷଣ ବର୍ଗ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲା କମିଟି ଗଠନ ହୋଇଥିଲା। ସଭାପତି ଭାବେ ପୁଷ୍ପରାଜ ପୃଷ୍ଟି, ଉପସଭାପତି ଗୋପାଳକୃଷ୍ଣ ଦେଓପାତ୍ର, କାର୍ଯ୍ୟକାରୀ ସଭାପତି ନରସିଂହ ପଟ୍ଟନାୟକ, ସତ୍‌ସଙ୍ଗ ପ୍ରମୁଖ ଗଙ୍ଗାରାମ ମାଣ୍ଡାଙ୍ଗି, ମାତୃଶକ୍ତି ତଥା ଦୁର୍ଗାବାହିନୀର ସହ ସମ୍ପାଦକ ବନମାଳୀ ଶବର, ସାମାଜିକ ସମରସତା ବାବାଜି କଲକା, ସହ ସମ୍ପାଦକ ହରିବନ୍ଧୁ ଗମାଙ୍ଗ ପ୍ରମୁଖଙ୍କୁ ନୂତନ ଦାୟିତ୍ୱ ଦିଆଯାଇଥିଲା। ବିଭାଗ ସମ୍ପାଦକ ବସନ୍ତ କୁମାର ମିଶ୍ରଙ୍କୁ ଜିଲା ସମ୍ପାଦକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପିଲାଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ କରେ ସୁରଭି

ଗୁଣପୁର,୨୮।୯(ପ୍ରଦୀପ କୁମାର ପାଢ଼ୀ)


ନୃତ୍ୟରେ ଭାଗନେଇଥିବା ପିଲାଙ୍କୁ ସମ୍ମାନିତ କରାଯାଉଛି।

ଗୁଣପୁର ବ୍ଲକ୍ ଟଲଣାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୪' ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସନ୍ତୋଷିନୀ ଶବର, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରି ଗୌଡ଼, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟି.ରବୀନ୍ଦ୍ର କୁମାର ଓ ଆରାଡୁଲ ପ୍ରାଥମିକ ଶିକ୍ଷକ କେ.ବଦ୍ରିନାରାୟଣ ଯୋଗଦେଇଥିଲେ। ସୁରଭି ଦ୍ୱାରା ପିଲାଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ହୋଇପାରୁଛି ବୋଲି ସେମାନେ କହିଥିଲେ। ସିଆର୍‌ସିସି ସଞ୍ଜୀବ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଟଲଣା କ୍ଲଷ୍ଟରର ସମସ୍ତ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗର ବିଭିନ୍ନ ପ୍ରତିଯୋଗିତା ଯଥା ବକ୍ତୃତା, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ହସ୍ତାକ୍ଷର ଲିଖନ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ଛାତ୍ରୀଛାତ୍ର ବ୍ଲକସ୍ତରରେ ହେବାକୁଥିବା ସୁରଭିରେ ଯୋଗଦେବେ । ଶେଷରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଶିକ୍ଷକ ବ୍ରଜରାଜ ନିଶଙ୍କ, ସନ୍ତୋଷ ପଟ୍ଟନାୟକ ଓ ସଙ୍ଗୀତା ଦାସ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସହୋଯୋଗ କରିଥିଲେ ।

# କେରେବା ଆଶ୍ରମ ସ୍କୁଲରେ ଚକ୍ଷୁ ପରୀକ୍ଷା ଶିବିର

ଗୁଣପୁର,୨୮।୯(ପ୍ରଦୀପ କୁମାର ପାଢ଼ୀ)

ଜନଜାତି ଲାଞ୍ଜିଆ ସୌରାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା ପାଇଁ ଉଲ୍ଲେଖନୀଯ ପଦକ୍ଷେପ ନେଇଛନ୍ତି ପୁଟ୍ଟାସିଂସ୍ଥିତ ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା (ଏଲ୍‌ଏସ୍‌ଡିଏ)। ଏହି ସଂସ୍ଥା ତରଫରୁ ଗୁଣପୁର ବ୍ଲକ ଶଗଡ଼ା ପଞ୍ଚାୟତ ଅଧୀନ କେରେବା ଆଶ୍ରମ ବିଦ୍ୟାଳୟରେ ଶନିବାର ସ୍ୱତନ୍ତ୍ର ଚକ୍ଷୁ ପରୀକ୍ଷା ତଥା ସ୍ୱାସ୍ଥ୍ୟ ସଚେତନତା ଶିବିରର ଆୟୋଜିତ ହୋଇଛି। ସମ୍ପ୍ରତି କାର୍ଯ୍ୟକାରୀ ହେଉଥିବା ପିଏମ୍-ଜନମନ ପରିଯୋଜନା ଅନ୍ତର୍ଗତ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମର ଏହା ଏକ ଅଭିନବ ପଦକ୍ଷେପ।

ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଅସୀମା ରାଓ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଏମ୍‌ପି ପ୍ରତିନିଧି ତଥା ଟଲଣା ପଞ୍ଚାୟତ ସରପଞ୍ଚ ସଙ୍ଗୀତା ଶବର ଯୋଗଦେଇ ଏପରି ଶିବିର ପ୍ରତ୍ୟେକ ବିଦ୍ୟାଳୟରେ ଅନୁଷ୍ଠିତ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିବିରରେ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚକ୍ଷୁ ବିଶେଷଜ୍ଞ ରବୀନ୍ଦ୍ର କୁମାର ସାହୁ ଯୋଗଦେଇ ୧୬ ଜଣଙ୍କର ଚକ୍ଷୁ ପରୀକ୍ଷା କରିବା ସହ ୫ ଜଣଙ୍କୁ ଚଷମା ପିନ୍ଧିବା ପାଇଁ ପରାମର୍ଶ ଦେଇଥିଲେ । ଏଥିପାଇଁ ସରକାରଙ୍କ ସୁନେତ୍ର ଯୋଜନାରେ ମାଗଣା ଚଷମା ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଥିବା ଡାକ୍ତର ସାହୁ କହିଛନ୍ତି । ସେହିପରି ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭ୍ରାମ୍ୟମାଣ ଚିକିତ୍ସା ୟୁନିଟ୍ ତରଫରୁ ୨୫ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ୩୨ ଛାତ୍ରୀଛାତ୍ରଙ୍କ ସିକେଲସେଲ ରୋଗ ପାଇଁ ରକ୍ତ ପରୀକ୍ଷା କରାଯାଇଥିଲା । ଛାତ୍ରୀଛାତ୍ରୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏଲ୍‌ଏସ୍‌ଡିଏର ପ୍ରକଳ୍ପ ପରିଚାଳକ ସୂର୍ଯ୍ୟକାନ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।


ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ଶ୍ରମିକଙ୍କୁ କାମ ଯୋଗାଇଦେଲା ପଞ୍ଚାୟତ

ଗୁଡାରି,୨୮।୯ (ପ୍ରମୋଦ କୁମାର ପତି)

ଗୁଡ଼ାରି ବ୍ଲକର ଶିରିଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭୁରୁକୁଡୁ ଗ୍ରାମର ଜବ୍‌କାର୍ଡଧାରୀ ଅଣକୁଶଳୀ ଶ୍ରମିକମାନଙ୍କୁ ପଞ୍ଚାୟତ ତରଫରୁ ନିଶ୍ଚିତ ଗ୍ରାମ୍ୟ କର୍ମନିଯୁକ୍ତ ଯୋଜନାରେ କାମ ଯୋଗାଇଦିଆଯାଇଛି।


ଜବ୍‌କାର୍ଡଧାରୀ ଶ୍ରମିକମାନେ କାମ କରୁଛନ୍ତି।

ସରପଞ୍ଚ ଭାରତୀ ଶ୍ରାମୁଟିକା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅମର ଶବର, କନିଷ୍ଠ ଯନ୍ତ୍ରୀ ମଞ୍ଜିତ ଓଝା ଏବଂ ଜିଆର୍‌ଏସ୍ ଦୟା ଲିମା ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ କାର୍ଯ୍ୟ ଯୋଗାଇଛନ୍ତି । ଓଡ଼ିଶା ୱେଲ୍‌ଫେୟାର ଆସୋସିଏସନ ସଙ୍ଗଠନର ଚେୟାରମ୍ୟାନ କରୁଣାକର ଟାକିରିଙ୍କ ନେତୃତ୍ୱରେ ଏମ୍‌ଜିଏନ୍‌ଆରଇଜିଏ ସମ୍ପର୍କିତ ସଚେତନ କାର୍ଯ୍ୟକ୍ରମ ଜରିଆରେ ଶ୍ରମିକମାନଙ୍କୁ ତାଙ୍କର ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଯାଇଛି। ଏହାସହ ଚେୟାରମ୍ୟାନ ଟାକିରି ଶ୍ରମିକଙ୍କୁ ନେଇ ପଞ୍ଚାୟତରେ କାର୍ଯ୍ୟ ଆବେଦନରେ ସହଯୋଗ କରିଥିଲେ। କାର୍ଯ୍ୟ ଆବେଦନର ୧ ସପ୍ତାହ ପରେ ଶ୍ରମିକମାନେ କାମରେ ଯୋଗଦେଇଛନ୍ତି। ଆମେ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଥିଲୁ ଏବଂ ବିଭିନ୍ନ ପ୍ରକାର ନିର୍ଯାତନା ସହୁଥିଲୁ। କେନ୍ଦ୍ର ଓ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ଅନୁସାରେ ଯଦି ଆମେ ଠିକ୍ ସମୟରେ କାମ ପାଇବୁ ଠିକ୍ ସମୟରେ ମଜୁରି ପାଇବୁ ତେବେ ଆମେ ବାହାର ରାଜ୍ୟକୁ ଯିବାର ଆବଶ୍ୟକ ନାହିଁ ବୋଲି ଶ୍ରମିମାନେ କହିଛନ୍ତି ।

# ଏଆଇକୁ ନେଇ ବିଜ୍ଞାନ ପାଠଚକ୍ର

ଗୁଣପୁର,୨୮।୯(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି (ଏଆଇ) ସମ୍ପର୍କିତ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ତଥା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଗୁଣପୁର ମହାବିଦ୍ୟାଳୟ ଅବସରପ୍ରାପ୍ତ ପଦାର୍ଥବିଜ୍ଞାନ ରିଡର ଡ. ସୂର୍ଯ୍ୟନାରାୟଣ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବ ରେ ଗୁଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ସିଂ, ସ୍ଥାନୀୟ ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହା ଓ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗୁଣପୁର ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୨୦ ଛାତ୍ରୀଛାତ୍ର ଯୋଗଦେଇଥିଲେ । ସୂର୍ଯ୍ୟନାରାୟଣ ପଣ୍ଡା ଓ ଗୁଣପୁର ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସୁନୀତା ଗମାଙ୍ଗ ସହ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ବିଜ୍ଞାନ ସେମିନାରରେ ଯୋଗଦେବେ। ସେମିନାରରେ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ସିଆର୍‌ସିସି ସହଯୋଗ କରିଥିବା ବେଳେ ସଞ୍ଜୀବ କୁମାର ପଟ୍ଟନାୟକ ସଂଯୋଜନା କରିଥିଲେ। ଏମ୍.କେଶବ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁରଭିରେ ବିଭିନ୍ନ ପ୍ରତିଯୋଗିତା

ଚନ୍ଦ୍ରପୁର,୨୮।୯ (ବିଜୟ ପ୍ରସାଦ ଉଲାକା)

ଚନ୍ଦ୍ରପୁରସ୍ଥିତ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍କୁଲର ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସିଆରସିସି ରଜନୀକାନ୍ତ ବଳିୟାରସିଂ, ଉମାକାନ୍ତ ମିଶାଲ, ଭାସ୍କର ଗମାଙ୍ଗ, ଜଗଦୀଶ ନାୟକ, ପ୍ରଦୀପ ଚୌଧୁରୀ ପ୍ରମୁଖ ମଞ୍ଚସୀନ ଥିଲେ। ଏଥିରେ ୧୧ରୁ ଊର୍ଦ୍ଧ୍ୱ ପ୍ରତିଯୋଗିତା ହୋଇଥିଲା। କୁନି ପ୍ରତିଯୋଗୀଙ୍କ ନୃତ୍ୟ ବହୁତ ଚିତାକର୍ଷକ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ରିଫାନ ନାୟକ, ସ୍ୱୟଂସୁଦ୍ଧା ମିଶ୍ର, ଅନାମିକା ଗୁମିଡ଼ଙ୍ଗା, ଆକାଶ ଦୋରା, ଓମ ପ୍ରକାଶ ଗୌଡ଼, ଶିବ ଗୌଡ଼, ଲିପ୍ସା ବ୍ରକେବେଡା, ଆଶିଷ ନାୟକ, ଦୀପା ପାଲଟାସିଂ, ଚାନ୍ଦିନୀ, ବିପ୍ସା ଟାଙ୍ଗରଙ୍ଗା ପ୍ରମୁଖ ପ୍ରଥମ ହୋଇ ବ୍ଲକସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି ।

# ୪୦ ମହିଳା, କିଶୋରୀଙ୍କୁ ଦିଆଯିବ କମ୍ପ୍ୟୁଟର ଶିକ୍ଷା

ରାୟଗଡ଼ା,୨୮।୯(ଆଶିଷ ରଞ୍ଜନ ପଣ୍ଡା)

### ଡିଜିଟାଲ ସାକ୍ଷରତା କେନ୍ଦ୍ର ଉଦ୍‌ଘାଟିତ

ମହିଳା ଓ କିଶୋରୀଙ୍କୁ କମ୍ପ୍ୟୁଟର ସାକ୍ଷରତା ଉଦ୍ଦେଶ୍ୟରେ ବଂଶୀଧର ଓ ଇଲା ଫାଉଣ୍ଡେଶନ ପକ୍ଷରୁ କୋଲନରା ବ୍ଲକ୍ ଥେରୁବାଲିସ୍ଥିତ କାର୍ଯ୍ୟାଳୟଠାରେ ଏକ ଡିଜିଟାଲ ସାକ୍ଷରତା କେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଇମ୍ଫା ପାରିପାର୍ଶ୍ୱିକ ଥେରୁବାଲି, କାର୍ତ୍ତିକାଗୁଡ଼ା, କେଲିଗୁଡ଼ା, ଖେଦାପଡ଼ା ଓ ଡୁମୁରିଗୁଡ଼ା ଗ୍ରାମର ୪୦ ମହିଳା ଓ କିଶୋରୀଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯିବ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୋଲନରା ବ୍ଲକ ଉପାଧ୍ୟକ୍ଷ ହଳଧର ହିମିରିକା ମୁଖ୍ୟ ଅତିଥି ଭାବେ ଯୋଗଦେଇ କମ୍ପ୍ୟୁଟର ଶିଖିଲେ ମହିଳାମାନେ ସଶକ୍ତ ଓ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଥେରୁବାଲି ସରପଞ୍ଚ ମମତା ପୁଲାକା, ଖେଦାପଡ଼ା ସରପଞ୍ଚ ନରସିଂହ କିଲାକା, ଡୁମୁରିଗୁଡ଼ା ସରପଞ୍ଚ ମାଣିକ ପିଡିକା, ଥେରୁବାଲି ପିଇଓ ଜଲମୁରୁ ଭେନୁ, ଡୁମୁରିଗୁଡ଼ା ପିଇଓ ମଦନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଗ୍ରାମାଞ୍ଚଳର ମହିଳାଙ୍କୁ ଡିଜିଟାଲ ସାକ୍ଷରତା କ୍ଷେତ୍ର ବଂଶୀଧର ଓ ଇଲା ଫାଉଣ୍ଡେଶନ ଏବଂ ଇମ୍ଫା ପକ୍ଷରୁ ଏହିଭଳି ପଦକ୍ଷେପ ପାଇଁ ଉପସ୍ଥିତ ଅତିଥି ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ବିକାଶ ନିର୍ଦ୍ଦେଶକ, ରାଧାଶ୍ୟାମ ପଣ୍ଡା, ଇମ୍ଫାର ଲୋକ ସମ୍ପର୍କ ପରିଚାଳକ ଶକ୍ତି ପାଣିଗ୍ରାହୀ ଉପସ୍ଥିତ ଥିଲେ। ଫାଉଣ୍ଡେଶନ କାର୍ଯ୍ୟକ୍ରମ ଅଧିକାରୀ ପ୍ରଭାକର ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ। ସମସ୍ତ ଶିକ୍ଷାର୍ଥୀଙ୍କୁ କମ୍ପ୍ୟୁଟର ଶିକ୍ଷା କିଟ୍ ଓ ଗୋଟିଏ ଲେଖାଏଁ ବ୍ୟାଗ୍ ପ୍ରଦାନ କରାଯାଇଛି । ଏହି କେନ୍ଦ୍ରରେ ପ୍ରତିଦିନ ଦୁଇଟି ବ୍ୟାଚ୍‌ରେ ୪୦ ଶିକ୍ଷାର୍ଥୀଙ୍କୁ ୨ ଘଣ୍ଟା ଲେଖାଏଁ ୪ ମାସ ତାଲିମ ଦିଆଯିବ। କାର୍ଯ୍ୟକ୍ରମକୁ ଥେରୁବାଲି ବିଆଇପିଏଫ୍ ଟିମ୍ ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମାନସ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।


ଡିଜିଟାଲ ସାକ୍ଷରତା କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ପିଲାଙ୍କ ଅନ୍ତର୍ନିହିତ ସୃଜନଶୀଳ ଦକ୍ଷତାକୁ ରୂପଦେବା ଲକ୍ଷ୍ୟ

### ଜିଲାସ୍ତରୀୟ ଅଙ୍କୁର ଶିଶୁ ସାହିତ୍ୟ ଉତ୍ସବ

ରାୟଗଡ଼ା, ୨୮।୯
(ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର )

ଜିଲାସ୍ତରୀୟ ଅଙ୍କୁର ଶିଶୁ ସାହିତ୍ୟ ମହୋତ୍ସବ ସ୍ଥାନୀୟ ୟୁଜିଏମ୍‌ଆଇଟି ସମ୍ମିଳନୀ କକ୍ଷରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ଆପାଲାସ୍ୱାମୀ କାଡ୍ରାକା ଯୋଗଦେଇ ଶିଶୁଙ୍କ ସାହିତ୍ୟ କ୍ଷେତ୍ରରେ ବିକାଶ ପାଇଁ ଅଙ୍କୁର ସଂସ୍ଥାର ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ବିଷ୍ଣୁ ପ୍ରସାଦ ପାତ୍ର ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଜିଲାର ସମସ୍ତ ବିଦ୍ୟାଳୟରୁ ୨୦୦ ଛାତ୍ରୀଛାତ୍ର ଉତ୍ସବରେ ଭାଗନେଇଥିଲେ। ଏଥିରେ ଶିଶୁଙ୍କ ଦ୍ୱାରା ଗଳ୍ପ କଥନ, କବିତା ଲିଖନ ଓ ଗଦ୍ୟ ଆବୃତ୍ତି, ନାଟକ, କଣ୍ଢେଇନୃତ୍ୟ



କାର୍ଯ୍ୟକ୍ରମରେ ପିଲାଙ୍କ ସହ ବିଧାୟକ ଏବଂ ଅଙ୍କୁର ଫାଉଣ୍ଡେଶନ ନିର୍ଦ୍ଦେଶକ।

ଓ ଚିତ୍ରକଳା ଇତ୍ୟାଦି କର୍ମଶାଳାର ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟେକ ବିଭାଗରେ ବିଶେଷଜ୍ଞମାନେ ପିଲାଙ୍କୁ ଶିକ୍ଷା ଦେବା ପାଇଁ ନିୟୋଜିତ ହୋଇଥିଲେ। ପିଲାଙ୍କ ମଧ୍ୟରେ ସାହିତ୍ୟ ପ୍ରତିବୋଧ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଅନ୍ତର୍ନିହିତ ସୃଜନଶୀଳ ଦକ୍ଷତାକୁ ରୂପଦେବା ପାଇଁ ପ୍ରୟାସ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୁଷ୍ମନ୍ତ କୁମାର ମହାନ୍ତି ଅତିଥି ଭାବେ ଯୋଗଦାନ କରିଥିଲେ। ଅଙ୍କୁର ଫାଉଣ୍ଡେଶନ ତରଫରୁ ଡ. ପ୍ରସନ୍ନ କୁମାର ଗନ୍ତାୟତ, ରାଜେଶ ପାଢ଼ୀ, ପ୍ରଭାକର ମିଶ୍ରଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ଅଙ୍କୁର ସମ୍ମାନ ପ୍ରଦାନ କରାଯାଇଥିଲା । ପରେ ବୈଠକରେ ଅଙ୍କୁର ଫାଉଣ୍ଡେଶନ ନିର୍ଦ୍ଦେଶକ ଚିନ୍ମୟୀ ପଠା ସଭାପତିତ୍ୱ କରିଥିବାବେଳେ ଶକ୍ତି ପାଣିଗ୍ରାହୀ ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ଥିଲେ । ବିଜୟଲକ୍ଷ୍ମୀ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ ଏବଂ ଶିବପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୁକ୍ତିପତ୍ର ଦେଇପାରିଲେନି ବାହାର ଜିଲା ପ୍ରାର୍ଥୀ

■ କେନ୍ଦ୍ର ବାହାରେ ଧାରଣାରେ ବସିଲେ ବିଭିନ୍ନ ସଙ୍ଗଠନ ସଦସ୍ୟ
■ ପ୍ରାର୍ଥୀଙ୍କ ଆଧାର, ଅନ୍ୟ ପରିଚୟ ପତ୍ର ଯାଞ୍ଚ କରି ଭିତରକୁ ଛାଡ଼ିଲେ

ନବରଙ୍ଗପୁର,୨୮।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମିଶନ ଶକ୍ତି ସଭାଗୃହରେ ଚାଲିଥିବା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ଦ୍ୱିତୀୟ ଦିନରେ ମଧ୍ୟ ଉତ୍ତେଜନା ଦେଖାଦେଇଛି। ଜିଲାଭିତ୍ତିକ ନିଯୁକ୍ତି ଦାବିରେ ବିଭିନ୍ନ ସଙ୍ଗଠନ ସଦସ୍ୟମାନେ ମିଶନ ଶକ୍ତି ସଭାଗୃହ ବାହାରେ ଧାରଣାରେ ବସିଥିଲେ। ଚୁକ୍ତିପତ୍ର ଦେବାକୁ ଆସିଥିବା ଅନ୍ୟ ଜିଲାର ପିଲାଙ୍କୁ ଭିତରକୁ ଛାଡ଼ି ନ ଥିଲେ। ଭିତରକୁ ପ୍ରବେଶ ପୂର୍ବରୁ ପ୍ରାର୍ଥୀମାନଙ୍କ ଆଧାର ଓ ଅନ୍ୟ ପରିଚୟ ପତ୍ର ଯାଞ୍ଚ କରୁଥିଲେ। ଆନ୍ଦୋଳନକାରୀମାନେ କେବଳ ନବରଙ୍ଗପୁର ଜିଲାର ପିଲାଙ୍କୁ ଭିତରକୁ ଛାଡୁଥିଲେ। ଆନ୍ଦୋଳନକାରୀମାନେ ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବାହାରେ ବସିଥିଲେ।

ନବରଙ୍ଗପୁର ମିଶନ ଶକ୍ତି ସଭାଗୃହରେ ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ କନିଷ୍ଠ ଶିକ୍ଷକଙ୍କ ପଦବୀ ପାଇଁ ଚୁକ୍ତିପତ୍ର ଗ୍ରହଣ ପ୍ରକ୍ରିୟା ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଶନିବାର ଦ୍ୱିତୀୟ ପର୍ଯ୍ୟାୟ ଚୁକ୍ତିପତ୍ର ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଶନିବାର ୩୮୨ ପିଲାଙ୍କୁ ଡକାଯାଇଥିବା ବେଳେ ୬୩ ଜଣ ଚୁକ୍ତିପତ୍ର ପ୍ରଦାନ କରିବା ସୁଯୋଗ ପାଇଥିଲେ। ରାଜ୍ୟଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ବନ୍ଦକରି ଜିଲାଭିତ୍ତିକ ନିଯୁକ୍ତି ନେଇ ବିଭିନ୍ନ ସଙ୍ଗଠନ ସଦସ୍ୟମାନେ ଦାବି ରଖିଥିଲେ। ଆନ୍ଦୋଳନରେ ପିସିସି ଉପସଭାପତି ମୁନା ତ୍ରିପାଠୀ, ଅବଦୁଲ ଫିରୋଜ, ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଜିଲା ସଭାପତି ରାଜେଶ ଜାନୀ, ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଅର୍ଜୁନ ଭତରା, ଜନଜାତି ସୁରକ୍ଷା ମଞ୍ଚ ଉପସଭାପତି ରତନ ମାଝୀ, ଜିତୁ ଜାନୀ, ନବରଙ୍ଗପୁର ବ୍ଲକ ସଭାପତି ଗୁରୁବନ୍ଧୁ ଗଦବା, ଅନୁସୂଚିତ ଜାତି (ଏସ୍‌ସି) ସଂଘ ସମ୍ପାଦକ ଭଗବାନ ବୈରାଗୀ, ଜଗନାଥ ବଘେ, ସିରାଜଉଦ୍ଦିନ ଅହମ୍ମଦ, ନିନିବାବୁ ତ୍ରିପାଠୀ, ବୃନ୍ଦାବନ ତ୍ରିପାଠୀ, ପ୍ରହଲ୍ଲାଦ ଭତରା, ଦୁର୍ଗା ପାଢ଼ୀ, ସରପଞ୍ଚ ସଂଘ ସମ୍ପାଦକ କୃଷ୍ଣ ଭତରା, ପରଜା ସମାଜ ବୁଦ୍ଧୁ ଯାନୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଧାରଣାରେ ବସିଥିବା ନବରଙ୍ଗପୁର ଜିଲାର ବିଭିନ୍ନ ସଙ୍ଗଠନ ସଦସ୍ୟ।

# ଇଞ୍ଜେକ୍ସନ, ସାଲାଇନ୍ ନେବାକୁ ଘଣ୍ଟା ଘଣ୍ଟା ଅପେକ୍ଷା



## ନର୍ସିଂ କର୍ମଚାରୀଙ୍କ ଧାରଣା ଯୋଗୁ ରୋଗୀସେବା ପ୍ରଭାବିତ

ଉମରକୋଟ, ୨୮।୯(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୦ରୁ ଊର୍ଦ୍ଧ୍ୱ ନର୍ସିଂ ଷ୍ଟାଫ ଅହୋରାତ୍ର ସିରିଞ୍ଜି ଛାଡ଼ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୧୦ ଦଫା ଦାବି ନେଇ ରାଜ୍ୟରେ ୩ ଦିନ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିଥିଲା। ତଥାପି ମଧ୍ୟ ସରକାର ସେମାନଙ୍କ ଦାବି ନେଇ କୌଣସି ଆଲୋଚନାକରି ନ ଥିଲେ। ତେଣୁ ଶନିବାରରୁ ଅହୋରାତ୍ର ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିବା ନର୍ସିଂ ଷ୍ଟାଫ କହିଛନ୍ତି। ସେମାନଙ୍କ ଦାବି ମଧ୍ୟରୁ ନିହାତି ଆବଶ୍ୟକ ଥିବା କେତେକ ଦାବି ପୂରଣ କରାଯାଉ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଦାବି ପୂରଣ ନେଇ ସରକାର ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଉମରକୋଟ, ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ଓ ଡାବୁଗାଁ ବ୍ଲକ୍‌ର ଶତାଧିକ ରୋଗୀ ନିର୍ଭର କରନ୍ତି। ଏହି ଆନ୍ଦୋଳନ ଯୋଗୁ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାରଣା ଯୋଗୁ ରୋଗୀଙ୍କୁ ଇଞ୍ଜେକ୍ସନ କି ସାଲାଇନ୍ ଟିକେ ଲଗାଇବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଯେଉଁ କିଛି ପାରା ମେଡିକାଲ ଷ୍ଟାଫ୍ ଅଛନ୍ତି ସେମାନେ ଏତେ ରୋଗୀଙ୍କୁ ସମ୍ଭାଳିବା କଷ୍ଟସାଧ୍ୟ। ତେଣୁ ଘରୋଇ ନର୍ସିଂ କଲେଜରୁ ଷ୍ଟାଫ୍‌ଙ୍କୁ ଆଣି ଚିକିତ୍ସା କରାଯାଉଛି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଶରତ ଚନ୍ଦ୍ର ସେଠୀ କହିଛନ୍ତି।

## ସଂକ୍ଷେପରେ

### ଫାଇନାନ୍ସ ସଂସ୍ଥାରେ ଟଙ୍କା ଆତ୍ମସାତ୍ ଅଭିଯୋଗ, ବିଏମ୍ ଗିରଫ

କୋଟପାଡ଼, ୨୮।୯(ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ଅଧିକାରୀ ଫାଇନାନ୍ସ ସଂସ୍ଥାରେ ୧୫ ବର୍ଷ ଧରି ଅଞ୍ଚଳ ମହିଳାମାନଙ୍କୁ ସଶକ୍ତୀକରଣ କରିବା ପାଇଁ ଗୋଷ୍ଠୀ ଗଠନକରି ଆର୍‌ବିଆଇ ନିୟମ ଅନୁସାରେ ଗ୍ରାମାଞ୍ଚଳ ଗରିବ ମହିଳା ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନ ସହ କମ୍ ସୁଧ ଆଦାୟ କରୁଥିଲେ। ୨୦୨୩ରେ ସଂସ୍ଥାର ଅଡିଟ ସମୟରେ ୨୫ ହିତାଧିକାରୀ ଦେଇଥିବା ୨,୦୩,୯୪୩ ଟଙ୍କା କୋଟପାଡ଼ ଅଞ୍ଚଳରେ କାର୍ଯ୍ୟ କରୁଥିବା ବ୍ରାଞ୍ଚ ମ୍ୟାନେଜର(ବିଏମ୍) ପ୍ରହଲ୍ଲାଦ ଖେମୁଡୁ ହଡ଼ପ କରିଥିବା ଜଣାପଡ଼ିଥିଲା। ତାଙ୍କ ଘର ତୁଷୁବା ପଞ୍ଚାୟତ ଆଉଟପେଡା। ଟଙ୍କା ହଡପ ନେଇ ଆସିଷ୍ଟାଣ୍ଟ ବ୍ରାଞ୍ଚ ମ୍ୟାନେଜର ସିମନ ସଗରିଆ କୋଟପାଡ଼ ଥାନାରେ ଗତ ୨୬ ତାରିଖରେ ଅଭିଯୋଗ କରିଥିଲେ। ନଂ. ୧୭୩/୨୪ ରେ ମାମଲା ରୁଜୁ ପରେ ପ୍ରହଲ୍ଲାଦଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅଡିଟ ସମୟରେ ଟଙ୍କା ଆତ୍ମସାତ୍ ବିଷୟରେ ଜଣାପଡ଼ିବା ପରେ ପ୍ରହଲ୍ଲାଦଙ୍କୁ ଫେରସ୍ତ କରିବାକୁ ସଂସ୍ଥା ପକ୍ଷରୁ ତାଗିଦ କରାଯାଇଥିଲା। ସେ ୬ଟି କିସ୍ତିରେ ଟଙ୍କା ଫେରସ୍ତ କରିବା ସହ ୨୫ ହିତାଧିକାରୀଙ୍କ ଋଣ କିସ୍ତି ମଧ୍ୟ ଫେରସ୍ତ କରିବାକୁ ରାଜି ହେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଫେରାର ହୋଇଯାଇଥିଲେ। ଏହାକୁ ନେଇ କୋଟପାଡ଼ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତକରି ପ୍ରହଲ୍ଲାଦଙ୍କୁ ଗିରଫ କରିଛି। ଥାନା ଅଧିକାରୀ ପରମାନନ୍ଦ ସୁନାନୀ ଓ ଏସ୍‌ଆଇ ଚନ୍ଦ୍ରପ୍ରଭା ମହାନ୍ତି ତଦନ୍ତ କରୁଥିବା ଜଣାପଡିଛି।

### ଟ୍ରକ୍ ଧକ୍କାରେ ସ୍କୁଟି ଚାଳକ ମୃତ

ନବରଙ୍ଗପୁର,୨୮।୯(ସଦାଶିବ ପ୍ରହରାଜ)

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଧୀନ ଇନ୍ଦ୍ରାବତୀ ନଦୀ ପାଖ, ପତି ପେଟ୍ରୋଲ ପମ୍ପ ନିକଟରେ ଶନିବାର ରାତିରେ ଏକ ସ୍କୁଟି (ଓଡି-୧୦ଏସ୍-୬୯୯୯୪)କୁ ଟ୍ରକ୍ (ସିଜି-୦୮ଏଏଫ୍-୭୩୬୨) ଧକ୍କା ଦେଇଛି। ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ନବରଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଅଟକ ରଖି ତଦନ୍ତ ଚଳାଇଛି। ସ୍କୁଟିଟି ଜୟପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ବୋରିଗୁମ୍ମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲା।

# ୨୫ ତାଲିମପ୍ରାପ୍ତ ଛତୁଚାଷୀଙ୍କୁ ମାନପତ୍ର



ପ୍ରମାଣପତ୍ର ପାଇଥିବା ତାଲିମପ୍ରାପ୍ତ ଛତୁ ଚାଷୀ।

ତେନ୍ତୁଲିଖୁଣ୍ଟି, ୨୮।୯(ଚିଦାନନ୍ଦ ସାହୁ)

ତାଲିମପ୍ରାପ୍ତ ଛତୁଚାଷୀଙ୍କୁ ମାନପତ୍ର ପ୍ରଦାନ କାର୍ଯ୍ୟକ୍ରମ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କନ୍‌ଫରେନ୍ସ ହଲ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ନବରଙ୍ଗପୁର ଏଡିଏମ୍ (ଜେନେରାଲ) ମହେଶ୍ୱର ଚନ୍ଦ୍ର ନାୟକ ପରିଚାଳନା କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ପି.ଭି.ରମଣ ରାଓ, ଏଡିଭିଓ ସୁନୀଲ କୁମାର ପ୍ରଧାନ, ଡ. ପ୍ରଶାନ୍ତ କୁମାର ସାମଲ, ଜିଲା କୃଷି ଅଧିକାରୀ ଅନୀଲ କୁମାର ପ୍ରହରାଜ, ନବରଙ୍ଗପୁର ସହକାରୀ କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀ, ଏଏଫ୍ଓ, ଡିଡିଏମ୍ ବିକାଶ ଟିଗା, ଅଗ୍ରଗାମୀ ପ୍ରକଳ୍ପ ନିର୍ଦ୍ଦେଶକ ଜଗନ୍ନାଥ ଜେନା ଯୋଗଦେଇଥିଲେ।

ପ୍ରକାଶ ଯେ, କୃଷି କ୍ଷେତ୍ରରେ ଗ୍ରାମୀଣ ଯୁବକମାନଙ୍କୁ ଉତ୍ସାହିତ କରିବାକୁ ଏନ୍‌କରେଜିଂ ରୁରାଲ ୟୁଥ୍ ଇନ୍ ଏଗ୍ରିକଲ୍‌ଚର ପ୍ରକଳ୍ପ ମାଧ୍ୟମରେ ଚଳିତ ମାସ ୧୦ରୁ ୧୯ ପର୍ଯ୍ୟନ୍ତ ଅଗ୍ରଗାମୀ ଦ୍ୱାରା ନାବାର୍ଡ ସହାୟତାରେ ବ୍ୟବସାୟିକ ଛତୁଚାଷ ଉପରେ ତାଲିମ ଦିଆଯାଇଛି। ଏଥିରେ ୨୫ ଜଣ ଯୁବତୀଯୁବକ ତାଲିମ ନେଇଥିଲେ।

ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ସେମାନଙ୍କୁ ପ୍ରମାଣପତ୍ର ବଣ୍ଟନ ଦିଆଯାଇଛି। ସଫଳ ଉଦ୍ୟୋଗୀ ହେବା ପାଇଁ ଛତୁଚାଷ ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଛି।

ନବରଙ୍ଗପୁରରେ ଛତୁ ଏବଂ ଏହାର ମୂଲ୍ୟଯୁକ୍ତ ଉତ୍ପାଦ ବିକ୍ରି ପାଇଁ ଓଏଲ୍‌ଏମ୍ ଏବଂ ଓର୍‌ମାସ ସହଯୋଗରେ ଏକ ଶପିଂ ଆଉଟଲେଟ୍ ଖୋଲିବାକୁ ଏଡିଏମ୍ ପ୍ରତିଶ୍ରୁତି ଦେଇଛନ୍ତି।

# ବସ୍‌ରେ ଚାଲିଗଲା ଦାଦନ ଶ୍ରମିକ, ରୋଗୀଙ୍କ ଜୀବନ

ପାପଡ଼ାହାଣ୍ଡି, ୨୮।୯ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍‌ରେ ଶନିବାର ବସ୍ ଯାତ୍ରା କରିବାବେଳେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଗୋଟିଏ ବସ୍‌ରେ ଜଣେ ଦାଦନ ଶ୍ରମିକ ଓ ଅନ୍ୟ ଏକ ବସ୍‌ରେ ଜଣେ ରୋଗୀଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ପାପଡ଼ାହାଣ୍ଡି ବ୍ଲକ ମାଝିଗୁଡ଼ା ପଞ୍ଚାୟତ ନୂଆଗୁଡ଼ା ଗ୍ରାମର ଦେବେନ୍ଦ୍ର କୁମ୍ଭାର। ଅନ୍ୟ ଜଣେ ମୃତକଙ୍କ ନାମ ଜଣାପଡ଼ି ନ ଥିବାବେଳେ ଉମରକୋଟ ବ୍ଲକ୍ ସୁନାବେଢ଼ା ଅଞ୍ଚଳର ବୋଲି ସୂଚନା ମିଳିଛି। ଏ ନେଇ ଥାନାରେ କୌଣସି ମାମଲା ହୋଇ ନ ଥିବା ବେଳେ ପରିବାର ଲୋକେ ମୃତଦେହଗୁଡିକୁ ଘରକୁ ନେଇ ସତ୍କାର କରାଇଛନ୍ତି।

ପ୍ରକାଶ ଯେ, ଦେବେନ୍ଦ୍ର କେତେଜଣ ସହଯୋଗୀଙ୍କ ସହ ୮ ଦିନ ତଳେ ହାଇଦ୍ରାବାଦର ଏକ ଘରୋଇ କମ୍ପାନୀକୁ କାମ କରିବାକୁ ଯାଇଥିଲେ। ସେଠାରେ ଗୁରୁବାର ରାତିରୁ ତାଙ୍କର ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ସହଯୋଗୀ ଗୋବର୍ଦ୍ଧନ ଜାନୀ ଓ ସୁବାସ ଜାନୀଙ୍କ ସହ ଦେବେନ୍ଦ୍ର ଏକ ଘରୋଇ ବସ୍‌ରେ ଶୁକ୍ରବାର ହାଇଦ୍ରାବାଦରୁ ବାହାରିଥିଲେ। ଶୁକ୍ରବାର ରାତି ଖାଇବା ପରେ ବସ୍ ଭିତରେ ତାଙ୍କର ଝାଡ଼ାବାନ୍ତି ଅଧିକ ହୋଇଥିଲା। ବସ୍ ଭିତରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ଗୋବର୍ଦ୍ଧନ ଓ ସୁବାସ କହିଛନ୍ତି। ଶନିବାର ସକାଳେ ମଇଦଲପୁର ଜଙ୍ଗଲରେ ବସ୍ କର୍ମଚାରୀ ସେମାନଙ୍କୁ ଓହ୍ଲାଇଦେଇଥିଲେ। ପରିବାର ଓ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଏକ ଅଟୋ ଯୋଗେ ଗାଁକୁ ନେଇଥିଲେ। ସେଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଦେବେନ୍ଦ୍ର ଗତ ବର୍ଷ ହିଁ ବିବାହ କରିଥିବା ସୂଚନା ମିଳିଛି। ସେହିପରି ଉମରକୋଟ ବ୍ଲକ ସୁନାବେଢ଼ା ଅଞ୍ଚଳର ଜଣେ ରୋଗୀଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ କୋରାପୁଟ ନେଉଥିଲେ। ବସ୍ ଭିତରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦେହକୁ ପରିବାର ଲୋକେ ଏକ ଅଟୋ ସାହାଯ୍ୟରେ ଘରକୁ ନେଇଥିଲେ।

# ପୂର୍ବ ରୟାଲଟି ବ୍ୟବସ୍ଥା ଲାଗୁ ଦାବି


ବିଧାୟକ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

■ ସୁନାବେଢ଼ା-ସେମିଳିଗୁଡ଼ା ଟିପ୍ପର ସଂଘର ଆନ୍ଦୋଳନ
■ ଆନ୍ଦୋଳନକାରୀଙ୍କୁ ଭେଟି ଆଲୋଚନା କଲେ କୋରାପୁଟ ବିଧାୟକ

ସୁନାବେଢ଼ା/ସେମିଳିଗୁଡ଼ା,୨୮।୯
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଢ଼ା ଓ ସେମିଳିଗୁଡ଼ା ଟିପ୍ପର ମାଲିକ ସଂଘ ସଦସ୍ୟମାନେ ଶନିବାର ଆନ୍ଦୋଳନ କରିଛନ୍ତି। କୋରାପୁଟ ବିଧାୟକ ରଘୁରାମ ମାଛ ଆସି ଆନ୍ଦୋଳନକାରୀଙ୍କ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଖଣି ବିଭାଗ ଓ ଜିଲାପାଳଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ଦୀର୍ଘ ଦିନ ହେବ ଟିପ୍ପ, ବାଲି ଲୋଡିଂ ଓ ପରିବହନକୁ ନେଇ ବିବାଦ ରହିଛି। ଲିଜ୍‌ଧାରୀଙ୍କ ଦୌରାତ୍ମ୍ୟ ଯୋଗୁ ଗାଡ଼ି ମାଲିକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଆନ୍ଦୋଳନକାରୀମାନେ କହିଛନ୍ତି। ପ୍ରଶାସନ ପୂର୍ବରୁ ଚାଲି ଆସିଥିବା ରୟାଲଟି ବ୍ୟବସ୍ଥା ଲାଗୁ କରିବାକୁ ଗାଡ଼ିମାଲିକମାନେ ଦାବି କରିଛନ୍ତି। ଫଳରେ ଗାଡ଼ି ମାଲିକ ସୁରକ୍ଷିତ ରହିବେ, ସାଧାରଣ ଗ୍ରାହକ ଉଚିତ ମୂଲ୍ୟରେ ଲଘୁ ଖଣିଜ ସମ୍ପଦ ପାଇପାରିବ ବୋଲି କହିଛନ୍ତି ସଂଘ ସଭାପତି ଶଶଧର ରାଉତ କହିଛନ୍ତି। ସମସ୍ୟାର ସମାଧାନ ଶୀଘ୍ର କରା ନ ଗଲେ ସରକାରୀ ଓ ବେସରକାରୀ ସ୍ତରରେ ହେଉଥିବା ନିର୍ମାଣ କାର୍ଯ୍ୟ ଠପ୍ ହୋଇଯିବ। ଟିପ୍ପର ମାଲିକ ସଂଘ ରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ସମ୍ପାଦକ ସଞ୍ଜୟ କଣ୍ଡା କହିଛନ୍ତି। ଶୁକ୍ରବାର ସକାଳେ ସଂଘ ସଭାପତି, ସମ୍ପାଦକ ଓ ଅନ୍ୟ ସମସ୍ତ ସଦସ୍ୟ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆନ୍ଦୋଳନରେ ଅନ୍ୟମାନଙ୍କ ସହ ଉପସଭାପତି ରୁଦ୍ରପ୍ରକାଶ ରାୟ ଓ ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

# ଜଲାପୁଟ ଜଳଭଣ୍ଡାରରୁ ମୃତଦେହ ଜବତ

ନନ୍ଦପୁର,୨୮।୯ (ସୁନୀଲ କୁମାର ପଣ୍ଡା)

ନନ୍ଦପୁର ବ୍ଲକ୍ ପାଡୁଆ ଥାନା ଅଧୀନ ଅଗ୍ନିଶମ ବାହିନୀ ଜଲାପୁଟ ଜଳଭଣ୍ଡାରରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କୁଲାରସିଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଡେଲା ଗ୍ରାମର ରାଧା କ୍ରିଷାନି(୪୫)। ବଡେଲା ଗ୍ରାମର ଲକ୍ଷ୍ମଣ କିର୍ଷାନୀ(୫୦) ଓ ତାଙ୍କ ସ୍ତ୍ରୀ ରାଧା କାମସାରି ଦେଶୀ ଡଙ୍ଗା ଯୋଗେ ଜଳଭଣ୍ଡାର ପାର ହୋଇ ଗାଁକୁ ଫେରିବା ପାଇଁ ବାହାରିଥିଲେ। ଉଭୟ ଡଙ୍ଗାରେ ଯାଉଥିବା ବେଳେ ରାଧା ଦୁର୍ଭାଗ୍ୟବଶତଃ ପାଣିରେ ଖସିପଡ଼ି ଜଳଭଣ୍ଡାରରେ ବୁଡ଼ିଯାଇଥିଲେ। ପାଡୁଆ ଥାନାରେ ଜଣାଇବା ପରେ ପୋଲିସ ଓ ନନ୍ଦପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ବାହାର କରିଥିଲେ। ଅଗ୍ନିଶମ କର୍ମଚାରୀ ପ୍ରକାଶ କିଷାନ, ମଙ୍ଗଳଦାନ ହିକକା, ଦୁଃଖନାଶନ ଖଡ଼ିଆ, ଥବିର ଭୋଇ, ରଞ୍ଜନ ମଲ୍ଲିକ, ଆଶିଷ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଏସ୍‌ଆଇ ହିମାଂଶୁ ବେନିଆ ସୂଚନା ଦେଇଛନ୍ତି।

# ବିଲ୍ଡ ଅଫ୍ ବ୍ୟାଙ୍କର୍ସ କର୍ମଶାଳା



କୋରାପୁଟ/ଜୟପୁର,୨୮।୯
(ଅମିତାଭ ବେହେରା/ପବନ ପାଣିଗ୍ରାହୀ)

କୋରାପୁଟ ଜିଲାର ଜୟପୁରରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନ୍ୟାଶନାଲ ମିଶନ ଫର୍ କାପାସିଟି ବିଲ୍ଡ ଅଫ୍ ବ୍ୟାଙ୍କର୍ସ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ କର୍ମଚାରୀଙ୍କ ମଧ୍ୟରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଋଣ ଦେବାରେ ସମ୍ବେଦନଶୀଳତା, ସଚେତନତା ଏବଂ କ୍ଷମତା ବୃଦ୍ଧିକରିବା କର୍ମଶାଳାର ମୂଳ ଉଦ୍ଦେଶ୍ୟ। ଏଥିରେ ଆର୍‌ବିଆଇର ଉପମହାପ୍ରବନ୍ଧକ ମଧୁକର ଆନନ୍ଦ, ଜୟପୁର ଏସ୍‌ବିଆଇର କ୍ଷେତ୍ରୀୟ ପ୍ରବନ୍ଧକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ମାଲକାନଗିରି, ନବରଙ୍ଗପୁର,କୋରାପୁଟ, କଳାହାଣ୍ଡି, ରାୟଗଡ଼ା ଓ ଗଜପତିର ୨୦ ବ୍ୟାଙ୍କରୁ ୪୦ ବ୍ୟାଙ୍କ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଆର୍‌ବିଆଇ,ଏସ୍‌ବିଆଇଏଲ୍‌ଡି, ଭାରତ ସରକାର ଓ ଏସ୍‌ଆଇଡିବିର ବକ୍ତାମାନେ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ।

### ବର୍ଜ୍ୟବସ୍ତୁ ସୁପରିଚାଳନା କେନ୍ଦ୍ର ପରିଦର୍ଶନକଲେ ଛାତ୍ରୀଛାତ୍ର

ଜୟପୁର,୨୮।୯(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ସିଟି ହାଇସ୍କୁଲ ଓ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅବସରରେ ପୌରପାଳିକା ଦ୍ୱାରା ମକାପୁଟସ୍ଥିତ ସମ୍ପଦ କେନ୍ଦ୍ର ଏମ୍‌ସିସି,ଏମ୍‌ଆର୍‌ଏଫ୍ ମଳ ବିଶୋଧନାଗାର କେନ୍ଦ୍ର ଶୁକ୍ରବାର ପରିଦର୍ଶନ କରିଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନା ଓ ସୁପରିଚାଳନା ସହ ସ୍ୱଚ୍ଛତାକୁ ନେଇ ସଚେତନ କରାଯାଇଥିଲା। ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ପୌର ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଶିକ୍ଷକ ପ୍ରତାପ ପଟ୍ଟନାୟକ, କ୍ରିଷ୍ଣା କୁମାରୀ ମିଶ୍ର,ପରିମଳ ନିରୀକ୍ଷକ, ସ୍ୱଚ୍ଛସାଥୀ ଓ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଷୟକୁ ନେଇ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। ଆୟୁସ ପଟ୍ଟନାୟକ ପ୍ରଥମ, ସି.ଏସ୍. ସୁପ୍ରିୟା ଦ୍ୱିତୀୟ ଓ ୱାଇ. ଗଙ୍ଗୋତ୍ରୀ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ପରିଦର୍ଶନରେ ଶହ ଶହ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କୋରାପୁଟ,୨୮।୯(ଅମିତାଭ ବେହେରା )

କୋରାପୁଟ ଜିଲାର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ପାରିଶ୍ରମିକ ମିଳୁ ନ ଥିବା ପ୍ରତିବାଦରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଗ୍ରାମପଞ୍ଚାୟତସ୍ତରରେ କାମ କରୁଥିବା ୬ କମ୍ୟୁନିଟି ସପୋର୍ଟ ଷ୍ଟାଫ ଦୀର୍ଘ ୧୨ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ସରକାରଙ୍କ ସମସ୍ତ ଯୋଜନା ପ୍ରତ୍ୟେକ କାର୍ଯ୍ୟ କରି ଆସୁଛନ୍ତି। ସରକାରଙ୍କ ସମସ୍ତ କାମ ସୁଚାରୁ ରୂପେ ପରିଚାଳନା କରି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପାରିଶ୍ରମିକ ପ୍ରଦାନ କରାଯାଉନାହିଁ। ଏ ନେଇ ଉପରୋକ୍ତ ଅଧିକାରୀଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ସହ ଉପ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ହେଲେ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଜୀବନଜୀବିକା ବାଧାପ୍ରାପ୍ତ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ତୃଣମୂଳସ୍ତରରୁ ସମସ୍ତ ଏମ୍‌ବିକେ, ବ୍ୟାଙ୍କ ମିତ୍ର, ସିଆର୍‌ପିସିଏମ୍, କୃଷିମିତ୍ର, ପ୍ରାଣୀମିତ୍ରମାନେ ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି ।


ଦାବିପତ୍ର ଦେବାକୁ ଆସିଥିବା କମ୍ୟୁନିଟି ସପୋର୍ଟ ଷ୍ଟାଫ।

# ସହକାରୀ ଯନ୍ତ୍ରୀଙ୍କ ହାଲ୍ ବାସଭବନରେ ଚଢ଼ାଉ

ସୁନାବେଡା,ସେମିଳିଗୁଡା,୨୮।୯
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସହକାରୀ ଯନ୍ତ୍ରୀ ଭାନୁମତି ଟୁଡୁ ଲାଞ୍ଚ ନେଇ ଜୟପୁର ଭିଜିଲାନ୍ସ ହାତରେ ଶୁକ୍ରବାର ଧରାପଡ଼ିଛନ୍ତି। ନବରଙ୍ଗପୁର ଭିଜିଲାନ୍ସ ଟିମ୍ ସେ ରହୁଥିବା ସୁନାବେଡା ହାଲ୍ ଟାଉନସିପସ୍ଥିତ ଘର(ଏଲ୍-୮୮)ରେ ଚଢାଉ କରିଥିଲା। ୫ ଜଣିଆ ଟିମ୍ ଅପରାହ୍ଣ ୨ଟାରେ କ୍ୱାର୍ଟର୍ସରେ ପହଞ୍ଚିଥିଲେ। ହେଲେ ଭାନୁମତୀଙ୍କ ସ୍ୱାମୀ ହାଲ୍ କାରଖାନାରେ ଥିବାରୁ ଟିମ୍ ଘର ବାହାରେ ରହିଥିଲା। ଟିମ୍‌ରେ ନବରଙ୍ଗପୁର ଭିଜିଲାନ୍ସ ଇନ୍ସପେକ୍ଟର ଭୀମସେନ ପୂଜାରୀ, ଇନ୍ସପେକ୍ଟର ସାବିତ୍ରୀ ପ୍ରଧାନ,ଏଏସ୍‌ଆଇ ପ୍ରଭାକର ପଟ୍ଟନାୟକଙ୍କ ସହ ଅନ୍ୟ ୨ କର୍ମଚାରୀ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କ ସ୍ୱାମୀ ଘରକୁ ନ ଆସିବାରୁ ଫୋନରେ ଫାଙ୍କିବାକୁ ଚେଷ୍ଟା କରି ଶେଷରେ ଫୋନ୍‌କୁ ବନ୍ଦକରି ଦେଇଥିଲେ । ଫଳରେ ଟିମ୍ ଦୀର୍ଘ ସମୟ ଧରି ଜଗି ରହିଥିଲା। ଉଭୟ ସ୍ୱାମୀ ଓ ସ୍ତ୍ରୀ ଆସିଥିଲେ ମଧ୍ୟ ବହୁ ସମୟ ଧରି ବିଦ୍ୟୁତ୍ କଟି ଯାଇଥିଲା। ସେଥିପାଇଁ ମଧ୍ୟ ଟିମ୍‌କୁ ଅସୁବିଧା ହୋଇଥିଲା। ଶେଷରେ ମୋବାଇଲ ଟର୍ଚ୍ଚ ସାହାଯ୍ୟରେ ତଲାସୀ ବେଳେ ୫୨,୦୧୦ ଟଙ୍କା,୫୮ ଗ୍ରାମ ସୁନା,୫୦୦ ଗ୍ରାମ ରୁପା ସହ ସେମିଳିଗୁଡା ଓ ଖୋର୍ଦ୍ଧାରେ ଗୋଟିଏ ଲେଖାଏ ଫ୍ଲାଟ ଥିବା ଜଣାପଡିଛି। ତଲାସି ଜାରି ରହିଥିବା ବେଳେ ତାଙ୍କର ଭୁବନେଶ୍ୱର ଘରେ ମଧ୍ୟ ଚଢାଉ କରାଯାଇଥିବା ନବରଙ୍ଗପୁର ବିଭାଗୀୟ ଇନ୍ସପେକ୍ଟର ପୂଜାରୀ ସୂଚନା ଦେଇଛନ୍ତି।


ସୁନାବେଡାସ୍ଥିତ ହାଲ୍‌ରେ ଥିବା ସହକାରୀଯନ୍ତ୍ରୀଙ୍କ ବାସଭବନରେ ଭିଜିଲାନ୍ସ ପକ୍ଷରୁ ତଲାସି କରାଯାଉଛି ।

